# ଜଳେଶ୍ୱର ଷ୍ଟେଶନରେ ଖଡଗପୁର ଡିଆର୍‌ଏମ୍



ଖଡଗପୁର ଡିଆର୍‌ଏମ, ଜଳେଶ୍ୱର ଭାଜପା କର୍ମୀଙ୍କ ସହିତ ଜଳେଶ୍ୱର ଷ୍ଟେଶନରେ ଆଲୋଚନା କରୁଛନ୍ତି।

## ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ

**ଜଳେଶ୍ୱର, ୧୩।୯ (ରବିନାରାୟଣ ପାତ୍ର)**

ଦକ୍ଷିଣ-ପୂର୍ବ ରେଳପଥର ଖଡଗପୁର ଡିଭିଜନ୍ ଡିଆର୍‌ଏମ୍ ବୁଧବାର ଜଳେଶ୍ୱର ଷ୍ଟେସନ ପରିଦର୍ଶନ କରିଛନ୍ତି । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିବା ସହିତ ଅମୃତଭାରତ ଯୋଜନାରେ ହେଉଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସ୍ଥାନୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ।

ଆଜି ମଧ୍ୟାହ୍ନରେ ଖଡଗପୁର ଡିଭିଜନର ଡିଆର୍‌ଏମ୍ କେ.ଆର୍ ଚୌଧୁରୀ ଏବଂ ତାଙ୍କ ବୈଷୟିକ ଟିମ୍ ସହିତ ହଠାତ୍ ଜଳେଶ୍ୱର ରେଳ ଷ୍ଟେସନରେ ପହଞ୍ଚି ଥିଲେ । ଅମୃତ ଭାରତ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୪ କୋଟି ଟଙ୍କା ବ୍ୟୟବରାଦରେ ଜଳେଶ୍ୱର ରେଳ ଷ୍ଟେସନର ଉନ୍ନତିକରଣ କରାଯାଉଥିବାରୁ ଏ ସମସ୍ତ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଲାଗି ସ୍ଥାନୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ୩ୟ ରେଳ ଲାଇନ୍ କାର୍ଯ୍ୟ ଓ ଷ୍ଟେସନରେ ଥିବା ମୌଳିକ ସୁବିଧା ଇତ୍ୟାଦି ସଂପର୍କରେ ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ଜଳେଶ୍ୱର ଭାଜପାର ସିଦ୍ଧାର୍ଥ ଶଙ୍କର ପାଳ, ଫାଲଗୁନୀ ପାଣିଗ୍ରାହୀ, ସଂଗ୍ରାମ ପରିଡା, ସୁକୁମାର ରଣା, ଅନନ୍ତ ଦାସ, ତପନ ପରିଡା ପ୍ରମୁଖ ପୂର୍ବରୁ ରେଳ ମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବି ସମ୍ପର୍କରେ ଆଲୋଚନା କରିଥିଲେ । ପୂର୍ବରୁ ଅଟକୁ ଥିବା ଡାଉନ୍ ଉତ୍କଳ ଏକ୍ସପ୍ରେସ୍ ଓ ଇନାକୁଲମ ଏକ୍ସପ୍ରେସର , ହାୱଡା-ସିକନ୍ଦରାବାଦ ଏକ୍ସପ୍ରେସ୍‌ର ପୁନଃ ରହଣି ସମ୍ପର୍କରେ ଆଲୋଚନା ହୋଇଥିଲା। ସକାଳେ ୭.୧୪ମିରେ ଯାଉଥିବା ୦୮୦୬୩ ଖଡଗପୁର-ଭଦ୍ରକ ମେମୁ ଟ୍ରେନର ସମୟ ପରିବର୍ତ୍ତନ ଲାଗି ଦାବି ଦୋହରା ଯାଇଥିଲା । ଗସ୍ତ ସମୟରେ ସିନିୟର ଡିସିଏମ୍ ଓମ୍ ପ୍ରକାଶ, ସିନିୟର ଡିଇଏମ୍ ସିନିୟର ଡିଇଜି, ଜଳେଶ୍ୱର ଷ୍ଟେଶନମ୍ୟାନେଜର ଖଗେନ୍ଦ୍ର ମଣ୍ଡଳ ପ୍ରମୁଖ ବହୁ ଅଧିକାରୀ ଉପସ୍ଥିତ ଥିଲେ ।

# ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ମହିଳା ଓ ଶିଶୁ ବିକାଶକୁ ଗୁରୁତ୍ୱ

## ପଞ୍ଚାୟତ ସମିତି ବୈଠକ

**ଭୋଗରାଇ, ୧୩।୯ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ସମ୍ମିଳନୀ କକ୍ଷରେ ବୁଧବାର ଚତୁର୍ଥ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରିଙ୍କ ପୌରୋହିତ୍ୟ ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ମହିଳା ଓ ଶିଶୁ ବିକାଶ ଯୋଜନା ସମ୍ପର୍କିତ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କେତେକ ପଞ୍ଚାୟତର ସରପଞ୍ଚ ଓ ସମିତିସଦସ୍ୟଙ୍କୁ ସଭାକୁ ଡକାଯାଇ ନ ଥିବା ଭୋଗରାଇ କଂଗ୍ରେସ ଶାଖା ସଭାପତି ଆଶିଷ ପାତ୍ର ଦୃଷ୍ଟି ଆକର୍ଷଣ କରିଥିଲେ। ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଏକ ସ୍ୱରରେ ବିଡ଼ିଓଙ୍କ ଉତ୍ତର ଚାହିଁଥିଲେ। ବିଡ଼ିଓ ଶଙ୍କର କୁମାର ପଟ୍ଟନାୟକ ପ୍ରସଙ୍ଗରେ ୩ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କର୍ତ୍ତବ୍ୟର ଅବହେଳା ନେଇ ଦରମା ବନ୍ଦ ସହ କାରଣ ଦର୍ଶାଅ ନୋଟିସ କରାଯାଇଥିବା ପ୍ରକାଶ କରିଥିଲେ। ଏଥିସହ ଅଧିକାଂଶ ଦିନ ବିଡ଼ିଓଙ୍କ ପ୍ରଥମ କାର୍ଯ୍ୟଦିବସରେ ସାକ୍ଷାତ ହେଉ ନ ଥିବାରୁ ଶାସକ, ବିରୋଧୀ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ପ୍ରଥମ ଦିବସରେ ବିଡ଼ିଓ ବ୍ଲକରେ ରହି ଅଭିଯୋଗ ଶୁଣିବାକୁ ନିବେଦନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅପାରଗତା ଯୋଗୁ ଭୋଗରାଇ ବ୍ଲକ୍‌ରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଛି ବୋଲି ଜିଲା ପରିଷଦ ସଦସ୍ୟା କବିତା ମହାନ୍ତି, ସନ୍ତୋଷ ଜେନା, ସରପଞ୍ଚ ଉପେନ୍ଦ୍ର ସାହୁ, ସୁମନ୍ତ ବେହେରା, ସମିତିସଦସ୍ୟା ପୁଷ୍ପାଞ୍ଜଳି ପ୍ରହରାଜ ପ୍ରମୁଖ କହିଥିଲେ। ଚିକିତ୍ସା ଅଧିକାରୀ ଡା କମଳାକାନ୍ତ ଜେନା ଡେଙ୍ଗୁ ସଂଖ୍ୟା କମୁଥିବା ବେଳେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଡେଙ୍ଗୁ ପ୍ରଭାବିତ ଅଞ୍ଚଳରେ ସତର୍କ କରାଯାଇଥିବା ପ୍ରକାଶ କରିଥିଲେ। ଶିକ୍ଷାକ୍ଷେତ୍ରରେ ପ୍ରାଥମିକ ସ୍ତରରୁ ଉଚ୍ଚମାଧ୍ୟମିକ ପର୍ଯ୍ୟନ୍ତ ୮୦ ପ୍ରତିଶତ ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ୧୧୩ ଜଣ ଶିକ୍ଷକ ଗୋଟିଏ ସ୍ଥାନରେ ନିଯୁକ୍ତି ପାଇ ଅନ୍ୟ ସ୍କୁଲରେ ବେତନ ନେଉଥିବା ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ସୂଚନା ଦେଇଥିଲେ। ରଇପୁର ହରିଜନ ସେବାଶ୍ରମ ସ୍କୁଲରେ ନୂତନ କମିଟି ଗଠନ ହୋଇ ନ ଥିବାରୁ ଛାତ୍ରୀଛାତ୍ରମାନେ ସମସ୍ତ ସୁବିଧାରୁ ବଞ୍ଚିତ ହେଉଥିବା ସରପଞ୍ଚ ବରେନ୍ଦ୍ର ପାତ୍ର ଉପସ୍ଥାନ କରିବା ପରେ ଶିକ୍ଷାଧିକାରୀ ଗୁରୁତ୍ୱ ଦେବେ ବୋଲି କହିଥିଲେ। ମହିଳା ଓ ଶିଶୁ ବିକାଶ ଯୋଜନାରେ ବିଭିନ୍ନ ସମସ୍ୟା ସମ୍ପର୍କିତ ପ୍ରଶ୍ନର ଉତ୍ତର ବିଭାଗୀୟ ଅଧିକାରିଣୀ ସନ୍ତୋଷଜନକ ନ ଦେବାରୁ ସଭାଗୃହ ସରଗରମ ହୋଇଥିଲା। ଏବିଡ଼ିଓ ଶରତ କୁମାର ମଦୁଲି, ଅତିରିକ୍ତ ତହସିଲଦାର ଗଦାଧର ସେଠୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ପପୁ ଭୂୟାଁ, ସୁଦୀପ୍ତ ରାଉତ, ସିଡିପିଓ ପବିତ୍ରା ହାଜିରା, ବନଲତା ମହାନ୍ତି, ୬ ଜିଲା ପରିଷଦ ଜୋନର ସଦସ୍ୟାସଦସ୍ୟ, ୫୦ପଞ୍ଚାୟତର ସମିତି ସଦସ୍ୟା ଓ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

# ନାବାଳିକା ଅନ୍ତଃସତ୍ତ୍ୱା, ସ୍ୱାମୀ ଗିରଫ

**ନୀଳଗିରି, ୧୩।୯ (ପ୍ରଶାନ୍ତ କୁମାର ବିଶ୍ୱାଳ):** ନାବାଳିକାଙ୍କୁ ପ୍ରେମଜାଲରେ ଫସାଇ ବିବାହ କରିବା ପରେ ୩ ମାସର ଅନ୍ତଃସ୍ୱତ୍ତା କରି ଛାଡି ପଳାଇବା ଘଟଣାରେ ନୀଳଗିରି ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରିଛି। ଏନେଇ ନୀଳଗିରି ଥାନାରେ ଏକ ମାମଲା (ନଂ.୨୯୬/୨୩) ରୁଜୁ ହୋଇଛି।

କପ୍ତିପଦା ଥାନା ଗେଣ୍ଡାଗଡିଆ ଗ୍ରାମର ବାପୁନୁ ସାହୁ(୨୬) ନୀଳଗିରି ଅଞ୍ଚଳରେ ରହି ଟେଷ୍ଟ କାମ କରୁଥିଲେ । ପରେ ଉକ୍ତ ଅଞ୍ଚଳର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଟେଷ୍ଟ କାମ ନ ମିଳିବାରୁ ଶେଷରେ ୨ଜଣ ମିଶି ଖନ୍ତାପଡ଼ା ନିକଟସ୍ଥ ଚିଙ୍ଗୁଡ଼ି କମ୍ପାନୀରେ ଚାକିରି କରୁଥିଲେ । ପରସ୍ପର ସହିତ ପ୍ରେମ ସମ୍ପର୍କ ସୁଦୃଢ ହୋଇଥିଲା । ଶେଷରେ ବିବାହ ବନ୍ଧନରେ ଗତ ମାର୍ଚ୍ଚ ୨୩ତାରିଖରେ ଉକ୍ତ ଚିଙ୍ଗୁଡ଼ି କମ୍ପାନୀ ଭିତରେ ପରସ୍ପରକୁ ବିବାହ କରିଥିଲେ। ନାବାଳିକା ଜଣକ ୩ମାସର ଗର୍ଭବତୀ ଥିବାବେଳେ ଯୁବକ ଜଣକ ଅତି ଚତୁରତାର ସହ ନିଜ ଘରକୁ ପଳାଇ ଯାଇଥିଲେ । ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ଝିଅକୁ ସାଙ୍ଗରେ ନେଇ ପୁଅ ଘରକୁ ଯାଇଥିଲେ । ପୁଅ ଘର ପରିବାର ଲୋକେ ଗାଳିଗୁଲଜ କରିବା ସହିତ ଝିଅକୁ ନେଇ ପଳାଇଯିବା ପାଇଁ କହିଥିଲେ । ଝିଅର ପରିବାର ଲୋକେ ନିରାଶ ହୋଇ ପଳାଇ ଆସିଥିଲେ । ଶେଷରେ ଖନ୍ତପଡ଼ା ଥାନାରେ ନାବାଳିକା ଜଣକ ଅଭିଯୋଗ କରିଥିଲେ। ମାତ୍ର ନାବାଳିକା ଘର ନୀଳଗିରି ଥାନା ଅଧୀନରେ ଥିବାରୁ ନୀଳଗିରି ଥାନାକୁ ପଠାଇ ଦେଇଥିଲେ । ନୀଳଗିରି ପୋଲିସ ଯୁବକଙ୍କୁ ଗିରଫ କରି ନାବାଳିକାଙ୍କ ବୟାନ ରେକର୍ଡ କରିଛି।

# ଜଳସେଚନ, ରବି ଫସଲ ବୃଦ୍ଧି ଉପରେ ଗୁରୁତ୍ୱ

## ୫ମ ଜିଲା ପରିଷଦ ଓ ଜିଲା ଯୋଜନା ବୋର୍ଡ ବୈଠକ

**ଭଦ୍ରକ, ୧୩।୯ (ସନାତନ ରାଉତ)**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ, ଜନପ୍ରତିନିଧିମାନଙ୍କ ଦାବି, ବାଦ୍ ପଡ଼ିଯାଉଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଯୋଜନାରେ ସାମିଲ କରାଯିବା ଓ ଏହାର ସମୀକ୍ଷା ଉଦ୍ଦେଶ୍ୟରେ ଭଦ୍ରକ ଜିଲା ପରିଷଦର ୫ମ ବୈଠକ ଓ ଜିଲା ଯୋଜନା ବୋର୍ଡ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟଙ୍କ ଅଧ୍ୟକ୍ଷତାରେ ଜିଲା ଯୋଜନା ବୋର୍ଡ ବୈଠକ ଓ ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ବୈଠକ ମିଳିତ ଭାବେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ୍, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପ୍ରକଳ୍ପ ନିର୍ଦ୍ଦେଶକ ଢୁଡ଼ା ମାନସ ରଞ୍ଜନ ରାୟ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନୀବାଳା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତଙ୍କ ଦ୍ୱାରା ପ୍ରାରମ୍ଭିକ ସୂଚନା ପ୍ରଦାନ ପରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ମହେଶ ସ୍ୱାଇଁ ୨୦୨୨-୨୩ ଓ ୨୦୨୩-୨୪ ବର୍ଷ ପାଇଁ ଜିଲାର ବାର୍ଷିକ ଯୋଜନା ସମ୍ବନ୍ଧରେ ଉପସ୍ଥାପନ ରଖିଥିଲେ। ଜିଲାରେ ଜଳସେଚନ ଓ ରବିଚାଷ ଉପରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ସଫଳ ହୋଇପାରୁନାହିଁ ବୋଲି ବରିଷ୍ଠ ବିଧାୟକ ସାମଲ ବୈଠକରେ ପ୍ରକାଶ କରିଥିଲେ। କୃଷି ବିଭାଗ ସୂଚନା ଅନୁଯାୟୀ, ୧,୭୪,୦୦୦ ହେକ୍ଟର ଜମିରେ ଖରିଫ୍ ଚାଷ ହେଉଥିବା ବେଳେ ମାତ୍ର ୩୫,୦୦୦ ହେକ୍ଟର ଜମିରେ ରବିଚାଷ ହେଉଛି। ୨୦୦ ହେକ୍ଟର ଜମିରେ ମିଲେଟ୍ ଚାଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଥିବା ବେଳେ ବନ୍ତ ବ୍ଲକରେ ପ୍ରଥମେ ଆରମ୍ଭ କରାଯାଇ ୯୦ ହେକ୍ଟର ଜମିରେ ଏହି ଚାଷ କରାଯାଇଛି। ଜିଲା ପରିଷଦର ସମସ୍ତ ସଦସ୍ୟ, ସମସ୍ତ ବ୍ଲକ୍, ପୌରପାଳିକାର ଅଧ୍ୟକ୍ଷା ଓ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# କଂଗ୍ରେସର ବ୍ଲକ୍ ଘେରାଉ କାର୍ଯ୍ୟକ୍ରମ ୨୨କୁ ଘୁଞ୍ଚିଲା

**ଭଣ୍ଡାରିପୋଖରୀ, ୧୩।୯ (ରବିନାରାୟଣ ଖିଲାର)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ କଂଗ୍ରେସ ପକ୍ଷରୁ ସେପ୍ଟେମ୍ବର ୧୫ରେ ହେବାକୁ ଥିବା ବ୍ଲକ୍ ଘେରାଉ କାର୍ଯ୍ୟକ୍ରମ ସାମ୍ଭାବ୍ୟ ବର୍ଷା ଜନିତ ଆଶଙ୍କାରୁ ସ୍ଥଗିତ ରଖାଯାଇଛି। ଆସନ୍ତା ୨୨ ତାରିଖରେ ବ୍ଲକ୍ ଘେରାଉ କରାଯିବାକୁ ସ୍ଥିର କରାଯାଇଥିବା ବ୍ଲକ୍ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ବୁଧବାର ବ୍ଲକ୍ କଂଗ୍ରେସ ପକ୍ଷରୁ ରାଜୀବ ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯେ, ବ୍ଲକ୍‌ରେ ଦୁର୍ନୀତି, ପ୍ରିୟାପ୍ରିତି ଓ ଚଞ୍ଚକତାରେ ଅଭିଯୋଗରେ ୧୫ ତାରିଖରେ ଭଣ୍ଡାରିପୋଖରୀ ବ୍ଲକକୁ ଘେରିବାକୁ ବ୍ଲକ କଂଗ୍ରେସ ନିଷ୍ପତ୍ତି ନେଇଥିଲା। ପ୍ରାକ୍ତନ ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ ଯୋଗଦେଇ ଘେରାଓକୁ ଆସନ୍ତା ସାଧାରଣ ନିର୍ବାଚନକୁ ଲକ୍ଷ ରଖି ସଫଳ କରିବାକୁ ଉପସ୍ଥିତ ଶତାଧିକ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ଗୋଲକ ବେହେରା, ଜିଲା ମହିଳା କଂଗ୍ରେସ ସଭାପତି ସବିତା ଚନ୍ଦ, ପିତାମ୍ବର ନାୟକ, ଗଣେଶ ଭାରତୀ, ଅକ୍ଷୟ ତ୍ରିପାଠୀ, ରବି ରାୟ, ପ୍ରଶାନ୍ତ ସାହୁ, ଶ୍ୟାମସୁନ୍ଦର ମହାପାତ୍ର, ବିଜୟ ଶଙ୍କର ମହାନ୍ତି, ରମେଶ ଭାରତୀ, ଜୋସ୍ନା ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ପାଟଣା କଂଗ୍ରେସ ସଂଯୋଜନା କମିଟି ଗଠିତ

**କେନ୍ଦୁଝର ୧୩।୯ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ନିମନ୍ତେ କଂଗ୍ରେସର ସଂଯୋଜନା କମିଟି ଗଠିତ ହୋଇଛି। ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଦଳରେ ଆଦିବାସୀ, ଦଳିତ, ପଛୁଆବର୍ଗ ଓ ସଂଖ୍ୟାଲଘୁ ବିଭାଗ ପକ୍ଷରୁ ସମସ୍ତ ଏସ୍‌ସି ଓ ଏସଟି ସଂରକ୍ଷିତ ବିଧାନସଭା ପାଇଁ ନେତୃତ୍ୱ ବିକାଶ ମିଶନ ମାଧ୍ୟମରେ କଂଗ୍ରେସକୁ ସଂଗଠିତ କରିବାପାଇଁ ପ୍ରଚେଷ୍ଟା ଚାଲିଛି ବୋଲି ଏକ ଗଣମାଧ୍ୟମ ସମ୍ମିଳନୀରେ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। ଜାତୀୟ ସଂଯୋଜକ କେ. ରାଜୁଙ୍କ ଆହ୍ୱାନକ୍ରମେ ପାଟଣା ବିଧାନସଭାମଣ୍ଡଳୀ କମିଟିରେ ସଭାପତି ଭାବେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ସଂଯୋଜକ ଭାବେ ଶିବ କୁମାର ବେହେରା, ସ୍ୱତନ୍ତ୍ର ସଦସ୍ୟ ଭାବେ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ବିଧାୟକ ହୃଷିକେଶ ନାୟକ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ବିଦ୍ୟାଧର ଦାଶ, ପୂର୍ବତନ ସାହାରାପଡ଼ା ବ୍ଲକ୍ ଅଧ୍ୟକ୍ଷ ଶ୍ରୀକାନ୍ତ ସେଠୀ ଏବଂ କମିଟି ସଦସ୍ୟଭାବେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ମହିଳା କଂଗ୍ରେସ ନେତ୍ରୀ ସଙ୍ଗୀତା ସିଂହ, ଜିଲ୍ଲା କଂଗ୍ରେସ ପଛୁଆବର୍ଗ ସଭାପତି ଯଦୁମଣି ବାରିକ, ପାଟଣା ପୂର୍ବତନ ବିଧାୟକ ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାୟକ, ଜିଲ୍ଲା ସେବାଦଳ ଅଧ୍ୟକ୍ଷ ବୀରଭଦ୍ର ମହାନ୍ତ, ପାଟଣା ବ୍ଲକ୍ ସଭାପତି ଶତ୍ରୁଘନ ସିଂହ, ସାହାରାପଡ଼ା ବ୍ଲକ୍ ସଭାପତି ମୁକୁନ୍ଦ ମହାନ୍ତ, ରମାକାନ୍ତ ପାତ୍ର, ସୁଦର୍ଶନ ପାଇକରାୟ, ଲକ୍ଷ୍ମଣ ଦାଶ, ଗୌରହରୀ ନାୟକ, ଗୋବିନ୍ଦ ମହାନ୍ତ, ସରୋଜ ବଘେଲ ବାବୁ, ସନାତନ ନାୟକ, କୈଳାଶ ଚନ୍ଦ୍ର ବାରିକ ପ୍ରମୁଖ ସ୍ଥାନ ପାଇଛନ୍ତି।

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

**ବାରିପଦା, ୧୩।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୟୂରଭଞ୍ଜ ଜିଲା ବାରିପଦା ଜନସ୍ୱାସ୍ଥ୍ୟ ବିଭାଗ-୧ର ସହକାରୀ ଯନ୍ତ୍ରୀ ବାଣେଶ୍ୱର ନାଏକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବୁଧବାର ସକାଳୁ ଭିଜିଲାନ୍ସ ଟିମ୍ ଏକକାଳୀନ ୫ଟି ସ୍ଥାନରେ ଚଢ଼ାଉ ଜାରି ରଖିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ସହକାରୀ ଯନ୍ତ୍ରୀଙ୍କର ୧କୋଟି ୬୪ ଲକ୍ଷ ୯୯ ହଜାର ୯୩୩ ଟଙ୍କା ମୂଲ୍ୟର ସମ୍ପତ୍ତି ଆକଳନ କରାଯାଇଥିବା ଭିଜିଲାନ୍ସ ଟିମ୍ ସୂଚନା ଦେଇଛି।



ସହକାରୀ ଯନ୍ତ୍ରୀ ବାଣେଶ୍ୱର ନାଏକ।

ବାରିପଦା ସ୍ୱତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟର ଜଜ୍ ଡ.ପ୍ରସନ୍ନ କୁମାର ପଣ୍ଡାଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ସହକାରୀ ଯନ୍ତ୍ରୀଙ୍କ ବାରିପଦା ରଘୁନାଥପୁରସ୍ଥିତ ୩ ମହଲା ବାସଭବନ ଓ ସରକାରୀ କାର୍ଯ୍ୟାଳୟ, ବଡ଼ସାହି ଥାନା ଅଧୀନ ତାଳନ୍ଦ ଗ୍ରାମର ପୈତୃକ ଘର ଓ ନିଜସ୍ୱ ଦୁଇ ମହଲା କୋଠା ଏବଂ ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀସ୍ଥିତ ସମ୍ପର୍କୀୟଙ୍କ ଘରେ ଚଢ଼ାଉ ଜାରି ରହିଛି। ସନ୍ଧ୍ୟା ସୁଦ୍ଧା ୩ ବହୁତଳ ବିଶିଷ୍ଟ କୋଠା ମଧ୍ୟରୁ ରଘୁନାଥପୁରରେ ୩୨୫୦ ସ୍କୋୟାର ଫୁଟର ୩ ମହଲା, ତାଳନ୍ଦରେ ୨୧ଶହ ଓ ୨୫ଶହ ସ୍କୋୟାର ଫୁଟର ଦୁଇଟି ୨ ମହଲା କୋଠା, ବାରିପଦାରେ ୨ଟି ଓ ତାଳନ୍ଦରେ ଗୋଟିଏ ପ୍ଲଟ, ୩୩ଲକ୍ଷ ଟଙ୍କାର ବ୍ୟାଙ୍କ ଓ ବୀମା ଜମା, ୨୩୨ଗ୍ରାମର ସୁନା ଗହଣା, ଗୋଟିଏ ଚାରିଚକିଆ ମାରୁତି ବ୍ରିଜା, ଦୁଇଟି ବାଇକ୍ ଏବଂ ଅନ୍ୟାନ୍ୟ ସମ୍ପତ୍ତି ଠାବ ହୋଇଛି। ଏହି ଚଢ଼ାଉରେ ୨ଜଣ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି, ୭ ଇନ୍ସପେକ୍ଟର, ଜଣେ ସବ୍ ଇନ୍ସପେକ୍ଟର, ୭ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ ନିୟୋଜିତ ଅଛନ୍ତି।

# ଓଡ଼ିଶା ଫୁଟ୍‌ବଲ ଟିମ୍‌ରେ କେନ୍ଦୁଝର ଖେଳାଳି, କୋଚ୍



ଖେଳାଳିଙ୍କ ସହ କୋଚ୍।

**କେନ୍ଦୁଝର, ୧୩।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କର୍ଣ୍ଣାଟକା ରାଜ୍ୟର ବେଲଗାର୍ଡଠାରେ ସେପ୍ଟେମ୍ବର ୧୫ରେ ଅନୁଷ୍ଠିତ ହେବାକୁ ଥିବା ୧୪ ବର୍ଷରୁ କମ ଜାତୀୟ ସବ୍ ଜୁନିୟର ବାଳିକା ଫୁଟ୍‌ବଲ ପ୍ରତିଯୋଗିତାରେ କେନ୍ଦୁଝରର ୪ ଖେଳାଳି ଚୟନ ହୋଇଛନ୍ତି। ସେମାନେ ହେଲେ ଯୋଡ଼ା ବ୍ଲକ୍‌ର ଜଜାଙ୍ଗ ଗ୍ରାମର ଆକାଶି ନାଏକ, ରଶ୍ମିତା ନାଏକ, ବନ୍ଦନା ନାଏକ, ପପିତା ନାଏକ ବୋଲି ଜଣାପଡ଼ିଛି। ଓଡ଼ିଶା ଦଳର କୋଚ ଭାବରେ ରାଇକଳା ଗ୍ରାମର କୃଷ୍ଣ ଚନ୍ଦ୍ର ମହାନ୍ତ ଦଳ ସହ ଯାଇଛନ୍ତି। କୋଚ୍ ମହାନ୍ତ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସ୍ପୋର୍ଟସ ହଷ୍ଟେଲରେ ରହୁଥିବା ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇ ଓଡ଼ିଶା ଟିମ୍‌ରେ ସାମିଲ କରିବାରେ ବେଶ ସହାୟକ ହୋଇଛନ୍ତି। ଏହାକୁ ନେଇ ଜିଲାର ଖେଳ ପ୍ରେମୀ ଖୁସି ବ୍ୟକ୍ତ କରି ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପାଚିକା ସହାୟିକା ସଂଘର ବିକ୍ଷୋଭ

## ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ପାଚିକା ସହାୟିକା ସଂଘର ସଦସ୍ୟାମାନେ।

**କେନ୍ଦୁଝର, ୧୩।୯ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାର ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ବିଭିନ୍ନ ଦାବିରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୯ ଦଫା ସମ୍ବଳିତ ଦାବିପତ୍ର ଜିଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଦାବି ମଧ୍ୟରେ ପାଚିକା ସହାୟିକାଙ୍କୁ ସର୍ବନିମ୍ନ ମାସିକ ବେତନ ୨୬ହଜାର ଟଙ୍କା ପ୍ରଦାନ, ମଧ୍ୟାହ୍ନଭୋଜନ କର୍ମୀଙ୍କୁ ବର୍ଷକୁ ୧୨ ମାସର ବେତନ, ମଧ୍ୟାହ୍ନଭୋଜନ କର୍ମୀଙ୍କ ଅବସରକାଳୀନ ବୟସ ୬୧କୁ ବୃଦ୍ଧି, ଘରୋଇକରଣ ବନ୍ଦ, ମଧ୍ୟାହ୍ନଭୋଜନ କର୍ମୀଙ୍କୁ ଶିକ୍ଷା ବିଭାଗର କର୍ମୀଭାବେ ଘୋଷଣା, ଅବସରକାଳୀନ ପେନ୍‌ସନ୍ ମାସିକ ୧୦ ହଜାର ଟଙ୍କା, ପିଏଫ୍, ଇଏସ୍‌ଆଇ, ଜୀବନବୀମା, ଗ୍ରାଚ୍ୟୁଇଟି ଆଦି ସାମାଜିକ ସୁରକ୍ଷା ଯୋଜନା, ସମସ୍ତ ବିଦ୍ୟାଳୟରେ ଫାଷ୍ଟଏଡ୍ ବକ୍ସ ବ୍ୟବସ୍ଥା, ୨୮ ମାସର ବକେୟା ଦରମା ପ୍ରଦାନ ଦାବି କରାଯାଇଥିଲା। ଓଡ଼ିଶା ରାଜ୍ୟ କମିଟି କାର୍ଯ୍ୟକାରୀ ସଭାପତି ଇନ୍ଦ୍ରମଣି ବେହେରା, ଚମ୍ପୁଆ କମିଟି ସଭାପତି ତୁଳସୀ ମହାନ୍ତ, ଯୋଡ଼ା ସଭାପତି ଯଶୋଦା ପାତ୍ର, ବାଂଶପାଳ କମିଟି ସଭାପତି କନକ ଦେହୁରୀ, ଝୁମ୍ପୁରାର ବୁନ୍ଧ ଗିରି, ସଦରର ଗୋଦାବରୀ ଦେହୁରୀ, ସାହାରପଡ଼ାର ରଞ୍ଜିତା ମହାକୁଡ଼, ଆନନ୍ଦପୁରର ପୁଷ୍ପଲତା ନାଏକ ପ୍ରମୁଖ ଏଥିରେ ନେତୃତ୍ୱ ନେଇଥିଲେ।

# ନିର୍ମାଣ ଶ୍ରମିକଙ୍କ ଗଣଧାରଣା

**କେନ୍ଦୁଝର, ୧୩।୯ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ଜିଲା ଶ୍ରମ ବିଭାଗର ସ୍ଥାଣୁତା, ମନମୁଖୀ ତଥା ଶ୍ରମିକ ମାରଣ ନୀତି ପ୍ରତିବାଦରେ ନିର୍ମାଣ ଶ୍ରମିକମାନେ ବୁଧବାର ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା କୃଷି ଓ ଗ୍ରାମୀଣ ମଜଦୁର ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ଅଭିଯୋଗ ମୁତାବକ, ଗତ ଜାନୁୟାରୀ ୨୮ରେ ସଂଘ ପକ୍ଷରୁ ଶ୍ରମିକମାନଙ୍କ ସମସ୍ୟାକୁ ନେଇ ଧାରଣା ଦେବାକୁ ସ୍ଥିର କରାଯାଇଥିଲା। ତେବେ ବିଭାଗୀୟ ଅଧିକାରୀଙ୍କ ତରଫରୁ ସମସ୍ୟା ସମାଧାନ କରିବା ନେଇ ପ୍ରତିଶ୍ରୁତି ପାଇବା ପରେ ଧାରଣା ସ୍ଥଗିତ ରହିଥିଲା। ତେବେ ୮ ମାସ ବିତିଯାଇଥିଲେ ହେଁ ସମସ୍ୟା ସମାଧାନ କରାଯାଇ ନ ଥିବାରୁ ଆନ୍ଦୋଳନ କରାଯାଇଛି। ଜିଲାରେ ହଜାର ହଜାର ନିର୍ମାଣ ଶ୍ରମିକ ନୂତନ କାର୍ଡ ପାଇ ପାରି ନ ଥିବା ବେଳେ ମୃତ୍ୟୁକାଳୀନ ସହାୟତା ରାଶି, ଶିକ୍ଷାବୃତ୍ତି, ବିବାହ, ପ୍ରସୂତିକାଳୀନ ସହାୟତା, ସାଇକେଲ, ଟୁଲ୍ସ ଆଦି ସହାୟତା ରାଶି ସମେତ ନବୀକରଣ ଆଦି ସମସ୍ୟା ସମାଧାନ ହୋ ପାରୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍‌ଲାଇନ ଆବେଦନ ହୋଇଥିବା ଶ୍ରମିକଙ୍କ ମୂଳ ନକଲ କାଗଜପତ୍ର ସହ ଫର୍ମ ଅଫିସରେ ମିଳୁ ନ ଥିବାରୁ ଶ୍ରମିକମାାନେ ସୁବିଧା ପାଇ ପାରୁନାହାନ୍ତି। ଫଳରେ ସେମାନେ ନାନା ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ଭାରତୀୟ ମଜଦୁର ସଂଘର ଓଡ଼ିଶା ରାଜ୍ୟ ସମ୍ପାଦକ ତଥା କେନ୍ଦୁଝର ଜିଲା ପ୍ରଭାରୀ ଡାକ୍ତର ମହାନ୍ତ, ଓଡ଼ିଶା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ସାହୁ, ଜିଲା ସମ୍ପାଦକ ବାବୁଲାଲ ମହାନ୍ତ, ଚନ୍ଦନ ବୋଇପାଇ, ଉପସଭାନେତ୍ରୀ ବିଣାବାଣି ବେହେରା, କବିତା ମହାନ୍ତ, ଗାୟତ୍ରୀ ଜେନା, ଅର୍ଜୁନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଭାରସାମ୍ୟ ହରାଇ ଓଲଟିଲା ଟ୍ରକ୍

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ତୁରୁମୁଙ୍ଗା ବୈତରଣୀ ପୋଲ ନିକଟରେ ବୁଧବାର ଏକ ୧୪ ଚକିଆ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଦୁର୍ଘଟଣାରେ ଗାଡ଼ିର ଡ୍ରାଇଭର ଅସିତ ମାଇତି ସାମାନ୍ୟ ଆହତ ହୋଇଛନ୍ତି। ଫଳରେ ଉକ୍ତ ଲାଇନ ଦେଇ ଗମନାଗମନ ଠପ୍ ହୋଇଯାଇଥିଲା। ଟ୍ରକଟି ହଳଦିଆରୁ ଲାଇମ ଷ୍ଟୋନ ନେଇ ବଡ଼ବିଲ ଆଡ଼କୁ ଯାଉଥିଲା। ତୁରୁମୁଙ୍ଗା ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

### ସଂକ୍ଷେପରେ

## ରାଷ୍ଟ୍ରପତି ପୋଲିସ ପଦକ ପାଇଁ ସିପାହୀ ମନୋନୀତ



ଚାନ୍ଦବାଲି,୧୩।୯(କିଶାନ ପାତ୍ର)- ଚାନ୍ଦବାଲିବାସୀଙ୍କ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି ସିପାହୀ ଗିରିଧାରୀ ମହାଳିକ। ଚାନ୍ଦବାଲି ମାଟିର ପୁଅ ଗିରିଧାରୀ ସପ୍ତମ ଭାରତୀୟ ରିଜର୍ଭ ବାଟାଲିୟନରେ ଏବେ କାର୍ଯ୍ୟରତ। ଉଲ୍ଲେଖନୀୟ ସେବା ପାଇଁ ସେ ରାଷ୍ଟ୍ରପତି ପୋଲିସ ପଦକ ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୧୬ ତାରିଖରେ ରାଜ୍ୟପାଳଙ୍କଠାରୁ ସେ ପୁରସ୍କୃତ ହେବେ। ଦୁଇ ବର୍ଷ ପୂର୍ବରୁ ସେ ସାହାସିକତା ପୁରସ୍କାର ପାଇଥିଲେ। ତାଙ୍କ ଘର ଚାନ୍ଦବାଲି ଏନ୍ଏସି ଅନ୍ତର୍ଗତ ପାହାଡ଼ପୁର ଗ୍ରାମର। ଖବର ପାଇବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

## ଟ୍ରକ୍ ସଂଘ ନିର୍ବାଚନକୁ ନେଇ ପୁଣି ଅନିଶ୍ଚିତତା

କେନ୍ଦୁଝର,୧୩।୯(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ): ସମ୍ପ୍ରତି କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରକ୍ରିୟା ଜୋର ସୋରରେ ଆରମ୍ଭ ହୋଇଥିବା ବେଳେ ଏବେ ପୁଣି ଧିମେଇ ଯାଇଛି। ସେପ୍ଟେମ୍ବର ୨୪ରେ ନିର୍ବାଚନ ହେବାକୁ ଥିବା ବେଳେ ହାଇକୋର୍ଟରେ ଏକ ମାମଲା ବିଚାରାଧୀନ ଯୋଗୁ ନିର୍ବାଚନ ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ନିର୍ବାଚନକୁ ଘୁଞ୍ଚାଇବା ପାଇଁ କୁଚକ୍ରୀ ଏହି ଚେଷ୍ଟା କରିଥିବା ଆଲୋଚନା ହେଉଛି।

ପ୍ରକାଶ ଯେ, ହାଇକୋର୍ଟରେ ସଦସ୍ୟତାକୁ ନେଇ ହୋଇଥିବା ଏକ ମାମଲାର ଶୁଣାଣି ସେପ୍ଟେମ୍ବର ୧୨ରେ ଥିଲା। ପରେ ତାହା ୧୩ ତାରିଖକୁ ଘୁଞ୍ଚିଥିଲା। ମାତ୍ର ଏବେ ପୁଣି ୧୫ ସେପ୍ଟେମ୍ବରକୁ ଘୁଞ୍ଚିଥିବାରୁ ଆଗାମୀ ୨୪ ତାରିଖରେ ନିର୍ବାଚନ ହୋଇ ପାରିବ କି ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ପ୍ରଥମେ ଯେଉଁ ବ୍ୟକ୍ତି କେଶ କରିଥିଲେ, ସେ ପ୍ରତ୍ୟାହାର କରି ଦେବାରୁ ନିର୍ବାଚନ ପାଇଁ ବାଟ ଫିଟିଲା ବୋଲି ଚର୍ଚ୍ଚା ହେଉଥିଲା। ତେବେ ଆଗାମୀ ୧୫ ତାରିଖରେ ଶୁଣାଣି ରହିଥିବାରୁ ରାୟ ନ ଆସିବା ପର୍ଯ୍ୟନ୍ତ ପ୍ରକ୍ରିୟା ଆରମ୍ଭ ହୋଇ ପାରିବ ନାହିଁ ବୋଲି ସଂଘର ଉପଦେଷ୍ଟା ଗୋପାଳ କୃଷ୍ଣ ପରିଡ଼ା ପ୍ରକାଶ କରିଛନ୍ତି।

## ୭୬୦ ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ପ୍ରଦାନ ଯୋଗାଣ ଅଧିକାରୀଙ୍କୁ ମାଡ଼ ଘଟଣା

ବାସୁଦେବପୁର,୧୩।୯(ନାରାୟଣ ପ୍ରସାଦ ବାରିକ୍): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ କରଞ୍ଜଆଡ଼ିଆ ପଞ୍ଚାୟତରେ ୭୬୦ ହିତାଧିକାରୀଙ୍କୁ ଗତ ଫେବୃୟାରୀ ଓ ମାର୍ଚ୍ଚ ଦୁଇମାସର ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। ହିତାଧିକାରୀମାନେ ବକେୟା ଚାଉଳ ପାଇବା ପରେ ଖୁସି ପ୍ରକଟ କରିଛନ୍ତି। ପ୍ରକାଶ ଯେ, ରାଶନ ସାମଗ୍ରୀ ପ୍ରଦାନ ହୋଇ ନ ଥିବାରୁ ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ଶତାଧିକ ହିତାଧିକାରୀ ବାସୁଦେବପୁର ଯୋଗାଣ ଅଧିକାରୀ ଅଜୟ କୁମାର ଦାସଙ୍କୁ ମାଡ଼ ମାରି ରାସ୍ତା ଚଲାଇଥିଲେ। ଘଟଣା ପରେ ମଙ୍ଗଳବାର ପଞ୍ଚାୟତର ରାଶନ ସାମଗ୍ରୀ ବଣ୍ଟନ ଦାୟିତ୍ୱ ନେଇଥିବା ମା' ବନଦୁର୍ଗା ଗୋଷ୍ଠୀର ସମ୍ପାଦିକା କ୍ଷୀରମଣି ସାହୁ ପଞ୍ଚାୟତର ୭୬୦ ହିତାଧିକାରୀଙ୍କୁ ଏହି ବକେୟା ଚାଉଳ ବଣ୍ଟନ କରିଛନ୍ତି। ସମ୍ପୃକ୍ତ ଗୋଷ୍ଠୀର ଚାଉଳ ବଣ୍ଟନ ଦାୟିତ୍ୱ ନେଇଥିବା ବ୍ୟକ୍ତିଙ୍କର ଶାରୀରିକ ଅସୁସ୍ଥତା କାରଣ ପାଇଁ ଏହି ହିତାଧିକାରୀଙ୍କ ଆଖି ଛାପ ମେସିନରେ ନିଆଯାଇପାରି ନ ଥିଲା। ଫଳରେ ୭୬୦ ହିତାଧିକାରୀ ୨ ମାସର ଚାଉଳ ପାଇପାରି ନ ଥିଲେ।

# ଗ୍ରାମ୍ୟ ଶାଳ ଜଙ୍ଗଲକୁ ତାରବାଡ଼ କରି ଜବରଦଖଲ

### ଉଚ୍ଛେଦ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥହେଲେ ଗ୍ରାମବାସୀ

କେନ୍ଦୁଝର,୧୩।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ସେଣ୍ଡକାପ ଗ୍ରାମରେ ଥିବା ଗ୍ରାମ୍ୟ ଖେସରା ଶାଳ ଜଙ୍ଗଲକୁ ସେଣ୍ଡକାପ ଗ୍ରାମର ଜନୈକ ବ୍ୟକ୍ତି ତାରବାଡ଼ କରି ଜବରଦଖଲ କରିଛନ୍ତି। ଏହାକୁ ଉଚ୍ଛେଦ କରିବାକୁ ଗ୍ରାମବାସୀ ବୁଧବାର ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ଭେଟି ଗୁହାରି କରିଛନ୍ତି। ଯଦି ଶାଳ ଜଙ୍ଗଲକୁ ଉଚ୍ଛେଦ କରା ନ ଯାଏ ତେବେ ସ୍ଥାନୀୟ ଅନୁସୂଚିତ ଜାତି ଓ ଜନଜାତି ସହ ଗ୍ରାମବାସୀ ମିଳିତ ଭାବେ ଜିଲାପାଳ ଓ ବନ ବିଭାଗ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଗ୍ରାମ୍ୟ ଖେସରା ଶାଳ ଜଙ୍ଗଲକୁ ବହୁ ବର୍ଷ ହେବ ଗ୍ରାମବାସୀ ରକ୍ଷଣାବେକ୍ଷଣ କରି ଆସୁଛନ୍ତି। କିଛି ବର୍ଷ ପୂର୍ବେ ଜଙ୍ଗଲ ପରିସୀମାରେ ଥିବା ଖୋଲାପଡ଼ିଆରେ ଗ୍ରାମବାସୀଙ୍କ ନିଷ୍ପତ୍ତି କ୍ରମେ ବନ ବିଭାଗର ସହଯୋଗରେ ୟୁକାଲି ପଟାସ ଓ ଆକାଶିଆ ଗଛ ରୋପଣ କରାଯାଇଥିଲା। ଉକ୍ତ ଜଙ୍ଗଲରୁ ଗ୍ରାମବାସୀ ଶୁଖିଲା ପତ୍ର ସଂଗ୍ରହ କରି ଜାଳେଣି ଭାବେ ଦୈନନ୍ଦିନ ବ୍ୟବହାର କରି ଆସୁଛନ୍ତି। ଖରିଫ ଋତୁରେ ଗୋରୁ, ଛେଳି, ମେଣ୍ଢା ପ୍ରଭୃତି ଗୃହପାଳିତ ପ୍ରାଣୀଙ୍କ ଚାରଣ ଭୂମି ଭାବେ ବ୍ୟବହାର କରାଯାଉଛି। ଦୁଃଖ ପରିତାପର ବିଷୟ ଖେସରା ଶାଳ ଜଙ୍ଗଲ ପୂର୍ବ ପାର୍ଶ୍ୱରେ ସରକାରୀ ଖାତା ନଂ. ୨୪୩, ପ୍ଲଟ୍ ନଂ. ୨୦୪୪କୁ ବେନିୟମ ଭାବେ ଗ୍ରାମର କେତେକ ବ୍ୟକ୍ତି ଜବରଦସ୍ତ ତାରବାଡ଼ ଘେରାଇ ରଖିଥିବାରୁ ଅସନ୍ତୋଷ ଦେଖାଦେଇଛି। କିଛି ଦିନ ହେବ ଉକ୍ତ ଜଙ୍ଗଲରୁ ୟୁକିଲ ପଟାସ ଓ ଆକାଶିଆ ଗଛ ଗୁଡ଼ିକ କାଟି ନେଇ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଙ୍ଗଲକୁ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ତାରବାଡ଼ ଘେରାଇ ରଖିଥିବାରୁ ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡ଼ିବ। ଏଣୁ ଜଙ୍ଗଲରେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ତାରବାଡ଼ କରାଯାଇଥିବା ସ୍ଥାନ ଚିହ୍ନଟ କରି ଉଚ୍ଛେଦ କରିବାକୁ ଗ୍ରାମବାସୀ ଜିଲାପାଳ ଓ ବନ ବିଭାଗକୁ ଲିଖିତ ଅଭିଯୋଗ କରିଛନ୍ତି।



ଗ୍ରାମ୍ୟ ଜଙ୍ଗଲକୁ ତାରବାଡ଼ କରାଯାଇଛି।

## 'ଆମେ ଜାଣିବା ଆମେ ଜିଣିବା, ଆମେ ଗଢ଼ିବା ନୂଆ ଓଡ଼ିଶା'





ବୈଠକରେ ଉପସ୍ଥିତ ଅତିଥିମାନେ।

### ପ୍ୟାରେଣ୍ଟସ ଆଜ୍ ପାର୍ଟନର ବୈଠକ

ବାରିପଦା,୧୩।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ପ୍ୟାରେଣ୍ଟସ ଆଜ୍ ପାର୍ଟନର(ସହଭାଗିତା ଭାବରେ ପିତାମାତା) ବୈଠକ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଚନ୍ଦନପୁର(ନୂତନ) ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ପ୍ରସାରଣ ଅଧିକାରିଣୀ ବାସନ୍ତୀ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାରିପଦା ଉପଖଣ୍ଡର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନଜାତି ଓ ଜାତି ବର୍ଗର ଛାତ୍ରୀଛାତ୍ର ତଥା ଲୋକମାନଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଜନହିତକର ଯୋଜନାଗୁଡ଼ିକ ସମ୍ପର୍କରେ ଅବଗତ କରିଥିଲେ। ଅନ୍ୟତମ ଅତିଥି ଭାବେ ବଡ଼ସାହି ବ୍ଲକ ଏବିଇଓ ପଦ୍ମଲୋଚନ ଦାସ, ଚନ୍ଦନପୁର ସରପଞ୍ଚ ହରିଶଚନ୍ଦ୍ର ମୁର୍ମୁ, ସମିତି ସଭ୍ୟା ମୀନତି ପାତ୍ର, ସ୍କୁଲ ପରିଚାଳନା ସମିତିର ଅଧ୍ୟକ୍ଷ ଧାନାୟ ମାଝୀ, ସିଆରସିସି ପ୍ରଦୀପ ପାତ୍ର ପ୍ରମୁଖ ଯୋଗଦେଇ ଆମେ କିପରି ଜାଣିଲେ, ଜିଣିପାରିବା ଏବଂ ଆମେ ଗଢ଼ିବା ନୂଆ ଓଡ଼ିଶା ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ। ସ୍କୁଲର ସହକାରୀ ଶିକ୍ଷକ ରାମଚନ୍ଦ୍ର ସିଂ ବିଦ୍ୟାଳୟ ଓ ହଷ୍ଟେଲର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ପିତାମାତା ଯୋଗ ଦେଇଥିଲେ। ବାଗୁଲି ଆଶ୍ରମ ସ୍କୁଲର ସହକାରୀ ଶିକ୍ଷକ ଜୟନ୍ତ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ଛାତ୍ର ଗୁରୁତର

ଉଦଳା,୧୩।୯(ସନ୍ତୋଷ କୁମାର ବାଛିନୀ)

ଉଦଳା ଥାନା ଶାଳମୁଣ୍ଡଳି ୟୁପି ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ର ରାଜା ହେମ୍ବ୍ରମ ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୁଧବାର ମଧ୍ୟାହ୍ନରେ ସେ ବିଦ୍ୟାଳୟ ଶୌଚାଳୟକୁ ଯାଇଥିବା ବେଳେ ଏକ ଚିତି ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଶିକ୍ଷକମାନେ ସଙ୍ଗେ ସଙ୍ଗେ ତାଙ୍କୁ ଡାକ୍ତରଖାନା ନେଇ ଯାଇଥିଲେ। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲଥିବା ଜଣାପଡ଼ିଛି।

## ଚାରାରୋପଣ କଲେ ଛାତ୍ରୀଛାତ୍ର

ଭଦ୍ରକ,୧୩।୯(ରବିନାରାୟଣ ଖିଲାର)

ବୃକ୍ଷ ହିଁ ଜୀବନ, ପରିବେଶକୁ ସୁସ୍ଥ ରଖିବାକୁ ହେଲେ ବୃକ୍ଷ ଲଗାଇବା ଏକାନ୍ତ ଜରୁରୀ ବୋଲି କୋଦଣ୍ଡପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସମ୍ପ୍ରତି ବିଶ୍ୱ ପରିବେଶ, ଉତ୍ତାପ ବୃଦ୍ଧି ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଭଦ୍ରକ ବ୍ଲକ ସାବରଙ୍ଗପୁର ସ୍ଥିତ କୋଦଣ୍ଡପୁର ପ୍ରାଥମିକ ବିଦ୍ୟାଳୟ ଓ ରାଧାମନ୍ଦିର ପ୍ରାଙ୍ଗଣରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ମନ୍ଦିର ସମିତି ପକ୍ଷରୁ ଚାରାରୋପଣ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନା କୁମାରୀ ସେଠି, ସମିତିର ଉପଦେଷ୍ଟା ଗୟାଧର ପୁହାଣ, ଉପସଭାପତି ବସନ୍ତ ମଲ୍ଲିକ, ସମ୍ପାଦକ ସୁରେଶ ପୁହାଣ, ଯୁଗ୍ମ ସମ୍ପାଦକ ସୁଧାଂଶୁ ନାୟକ, ଜିତେନ୍ଦ୍ର ମଣ୍ଡଳ, ରାଧାକୃଷ୍ଣ ସମିତିର ସଭାପତି ବିଶ୍ୱନାଥ ପୁହାଣ ପ୍ରାକ୍ତନ ସମିତିସଭ୍ୟ ନରେଶ ପୁହାଣ, ଜାନକୀ ମହାପାତ୍ର, ରଘୁନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚାରାରୋପଣ କରିଥିଲେ।

## ରାମକୃଷ୍ଣ ସାରଦା ଆଶ୍ରମରେ କାର୍ଯ୍ୟକାରୀ ବୈଠକ



କାର୍ଯ୍ୟକାରୀ ବୈଠକରେ ଉପସ୍ଥିତ ସଦସ୍ୟ।

ଖଇରା,୧୩।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ମାଖନପୁର ପଞ୍ଚାୟତ ତରାଙ୍ଗସ୍ଥିତ ରାମକୃଷ୍ଣ ସାରଦା ଆଶ୍ରମ ସଭାଗୃହରେ ଆଶ୍ରମର କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ସଭାପତି ମଣିଭଦ୍ର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଆଶ୍ରମ ସମ୍ପାଦିକା ଭାବେ ପରିବ୍ରାଜିକା ଶାନ୍ତିଦ୍ରୀନୟା ମା' ଶାରଦାଙ୍କ ଜୀବନୀ ଉପରେ ଆଲୋଚନା କରି ଆଗାମୀ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ୨୦୧୭ରେ ସ୍ଥାନୀୟ ବିଧାୟକ ଆଶ୍ରମର ନୂତନ ଗୃହ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ଏ ପର୍ଯ୍ୟନ୍ତ ମିଳି ନ ଥିବାରୁ ତାଙ୍କୁ ଆଉଥରେ ନିବେଦନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶିବପ୍ରସାଦ ପଣ୍ଡା, ଉପେନ୍ଦ୍ର ନାୟକ, ସୁରେନ୍ଦ୍ର ପାଳ, ଭୋଳାନାଥ ମିଶ୍ର, ରବୀନ୍ଦ୍ର କବି, ରମେଶ ପାଳ, ନିରାକାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଧାନ କିଆରିରୁ ମହିଳାଙ୍କ ଉଲଗ୍ନ ମୃତଦେହ ଜବତ

ବାହାନଗା,୧୩।୯(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ମହାରାଜପୁର ଗ୍ରାମ ନିକଟ ଏକ ଧାନ ବିଲରେ ଜଣେ ଅଚିହ୍ନା ମହିଳାଙ୍କ ଉଲଗ୍ନ ମୃତଦେହ ପଡିଥିବା ଗ୍ରାମବାସୀ ଦେଖିଥିଲେ। ମହିଳାଙ୍କ ପିନ୍ଧା ଲୁଗା ବିଲ ହିଡ ଉପରେ ଚିରି ହୋଇପଡିଥିବା ଦେଖିବାକୁ ମିଳିଛି। ତେବେ ମହିଳାଙ୍କର ମୃତ୍ୟୁର କାରଣ ଜଣାପଡିନାହିଁ। ଖନ୍ତାପଡା ଥାନା ପୋଲିସ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଖନ୍ତାପଡା ଥାନାରେ ଅପମୃତ୍ୟୁ ମାମଲା(ନଂ. ୪୦/୨୩) ରୁଜୁ କରାଯାଇଛି। ତେବେ ମହିଳାଙ୍କ ମୃତଦେହ ବିଲ ପାଣି ଭିତରେ ୩ରୁ ୪ଦିନ ଧରି ପଡିଥିବାରୁ ମାଂସ ସବୁ ପଚି ଦେହରୁ ଝଡିପଡୁଛି। ପୋଲିସ୍ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ମହିଳା ଜଣକ ମାନସିକ ବିକୃତ ଥିବା ଲୋକେ କହୁଛନ୍ତି।

## ସ୍ଥିତି ଅନୁଧ୍ୟାନ କଲେ ସମବାୟ ବ୍ୟାଙ୍କ ଶାଖା ପରିଚାଳକ

### କାର୍ଯ୍ୟକ୍ଷମ ଅପେକ୍ଷାରେ ୫ ନୂତନ ସମବାୟ ସମିତି



ନୂତନ ତାଳପଦା ସମିତିରେ ବ୍ୟାଙ୍କ ପରିଚାଳକ।

ତିହିଡି,୧୩।୯(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ୫-ଟି ନୂତନ ପ୍ରାଥମିକ କୃଷି ସମବାୟ ସମିତି ଖୋଲିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ଉପଯୁକ୍ତ ଭିତ୍ତିଭୂମି ଥିଲେ ଏହି ସମିତିକୁ କାର୍ଯ୍ୟକ୍ଷମ ପାଇଁ ଅନୁମତି ପ୍ରଦାନ କରାଯିବ ବୋଲି ଜଣାଯାଇଛି। ତଦନୁଯାୟୀ ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ତିହିଡ଼ି ଶାଖା ପରିଚାଳକ ସୁଶାନ୍ତ କୁମାର ପୁହାଣ ମଙ୍ଗଳବାର ନୂତନ ସମିତିକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ତିହିଡ଼ି ବ୍ଲକ୍‌ର କୁବେରା, ତାଳପଦା, ତଳଗୋପବିନ୍ଧା, କାଁପଡ଼ା ଓ ସାହାପୁର ପଞ୍ଚାୟତରେ ନୂତନ ସମବାୟ ସମିତି ଖୋଲାଯାଇଛି। ଉକ୍ତ ପଞ୍ଚାୟତରେ ପୂର୍ବରୁ ସମବାୟ ସମିତି ନ ଥିବାରୁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଧାନ ବିକ୍ରି ପାଇଁ ଅନ୍‌ଲାଇନ ପଞ୍ଜୀକରଣ, ଧାନ ବିକ୍ରି, ଋଣ, ରାସାୟନିକ ସାର ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇବା ପାଇଁ ଚାଷୀମାନଙ୍କୁ ଅନ୍ୟ ପଞ୍ଚାୟତକୁ ଯିବାକୁ ପଡୁଥିଲା। ଏପରିକି ଏହିସବୁ କାର୍ଯ୍ୟ ପାଇ ଚାଷୀମାନଙ୍କୁ ବାରମ୍ବାର ସମିତିର ଦ୍ୱାରସ୍ଥ ହେବାକୁ ପଡୁଥିଲା। ସମସ୍ୟାକୁ ଦୃଷ୍ଟିରେ ରଖି ନୂତନ ପ୍ରାଥମିକ କୃଷି ସମବାୟ ସମିତି ଖୋଲାଯାଇଛି। ସେହିସବୁ ସମିତିରେ ସଭାପତି, ସମ୍ପାଦକ ମନୋନୟନ ସମେତ ପରିଚାଳନା କମିଟି ଗଠିତ ହୋଇଥିଲେ ମଧ୍ୟ ସମିତି କାର୍ଯ୍ୟକ୍ଷମ ହୋଇପାରିନାହିଁ। ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ବାଲେଶ୍ୱର ଶାଖା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ତିହିଡ଼ି ଶାଖା ପରିଚାଳକ ନୂତନ ସମିତିର ସ୍ଥିତି ଅନୁଧ୍ୟାନ କରିଛନ୍ତି। ରିପୋର୍ଟ ପ୍ରଦାନ କରିବା ପରେ ଏହାର ଆଧାରରେ ସମିତି କାର୍ଯ୍ୟକାରୀ ହେବା ନେଇ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

## ଏନ୍ଏସି ଅଞ୍ଚଳରେ ସିସି କ୍ୟାମେରା ଲଗାଇବାକୁ ଦାବି

ଚମ୍ପୁଆ,୧୩।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଏକ ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏଠାରେ ଅପରାଧିକ ତତ୍ତ୍ୱ ଅଧିକ ସକ୍ରିୟ ରହୁଛନ୍ତି। ଏମାନଙ୍କ ଗତିବିଧିକୁ ନିୟନ୍ତ୍ରଣ କରିବାକୁ ସ୍ଥାନୀୟ ଏନ୍ଏସି ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଇବାକୁ ବୁଧବାର ବିକାଶ ପରିଷଦର ଏକ ପ୍ରତିନିଧି ମଣ୍ଡଳ ଜିଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି। ପରିଷଦର ସମ୍ପାଦକ ଶାନ୍ତନୁ କୁମାର ଦାସ, ଏମ୍‌ଡି ମୁସଲିମ ଅଖତର ଓ ସାହାରୋଜ ଜେୟା ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ। ପୂର୍ବରୁ ଏ ନେଇ ୪ ଥର ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ଛଡ଼ା କୌଣସି ଅଗ୍ରଗତି ହୋଇନାହିଁ। ଏ ନେଇ ୨ ଥର ସର୍ଭେ ଓ ଏନ୍ଏସିକୁ ଚିଠି ହୋଇଥିଲେ ମଧ୍ୟ ଅର୍ଥ ମଞ୍ଜୁର ହୋଇ ନ ଥିବାରୁ ଏହାର କାର୍ଯ୍ୟକାରିତାକୁ ନେଇ ଆଶଙ୍କା ଦେଖାଯାଇଛି। ସ୍ମରଣଯୋଗ୍ୟ, ଚମ୍ପୁଆ ସାଧାରଣତଃ ଝାଡ଼ଖଣ୍ଡ ରାଜ୍ୟ ଓ ମୟୂରଭଞ୍ଜ ଜିଲାକୁ ଲାଗି ରହିଥିବାରୁ ଅନେକ ସମୟରେ ଅପରାଧିମାନେ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି। ଯାହା ସ୍ଥାନୀୟ ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। ଏଥିସହ ୨୦ ନଂ. ଜାତୀୟ ରାଜପଥ ଏ ସହର ଦେଇ ଯାଇଥିବାରୁ ମାଇନିଂରୁ ମାଲ ପରିବହନ କରି ଯାଉଥିବା ଭାରିଯାନ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ଚମ୍ପୁଆ ଏନ୍ଏସି ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଗଲେ ଅନେକ ଅପରାଧିକ ସମସ୍ୟାଗୁଡ଼ିକୁ ରୋକାଯାଇ ପାରନ୍ତା ବୋଲି ପରିଷଦ ପକ୍ଷରୁ ଦାବି ହୋଇଛି।

## ଫିଜିଓଥେରାପି ୟୁନିଟ୍ ଉଦ୍‌ଘାଟିତ

### କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଯୋଡ଼ା,୧୩।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଅତ୍ୟାଧୁନିକ ଫିଜିଓଥେରାପି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ଓ ଡାକ୍ତରଖାନାର ମୁଖ୍ୟ ପରିଚାଳିକା ଡା. ଲୋପାମୁଦ୍ରା ଜେନା, ସିନିୟର ଡା. ରଘୁନାଥ ହେମ୍ବ୍ରମ, ଡା. ଚିତ୍ତରଞ୍ଜନ ନାଏକ, ଝିଟିର ହାସଦା ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ଖଣିଜ ପାଣ୍ଠି ସହାୟତାରେ ଏହି ଫିଜିଓ ଥେରାପି ସେଣ୍ଟରରେ ସମସ୍ତ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇ ଦିଆଯିବା ସହିତ ଜଣେ ଅଭିଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ସେଣ୍ଟର ମାଧ୍ୟମରେ ସ୍ଥାନୀୟ ଲୋକେ ଉପକୃତ ହେବେ ବୋଲି ଅଧ୍ୟକ୍ଷ ସାହୁ କହିଛନ୍ତି। ସେଣ୍ଟରରେ ଦୁର୍ଘଟଣା ଜନିତ ସମସ୍ୟା, ଆଣ୍ଠୁଗଣ୍ଠି, ଅଣ୍ଟାବିନ୍ଧା, ପାରାଲିସିସ ଭଳି ରୋଗର ଚିକିତ୍ସା କରାଯିବ। ପ୍ରକାଶ ଯୋଗ୍ୟ, ଏହା ଏକ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଲୋକେ ଅତ୍ୟାଧୁନିକ ଚିକିତ୍ସା ପାଇଁ କଟକ ଓ ଭୁବନେଶ୍ୱର ଯାଉଥିଲେ।





ସ୍ଥାନୀୟ ଜନ ପ୍ରତିନିଧି ଓ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀମାନେ।

## 'ସମନ୍ୱିତ ରୋଗ ପୋକ ପରିଚାଳନା ବ୍ୟବସ୍ଥା ହିଁ ଏକମାତ୍ର ବିକଳ୍ପ'

ସିମୁଳିଆ, ୧୩।୯(ସନ୍ତୋଷ ନାୟକ)

କେନ୍ଦ୍ରୀୟ ସମନ୍ୱିତ ରୋଗ ପୋକ ପରିଚାଳନା କେନ୍ଦ୍ର ଭୁବନେଶ୍ୱର ଏବଂ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର (ଓୟୁଏଟି)ର ମିଳିତ ସହଯୋଗରେ ଗତ ସୋମବାର ଓ ମଙ୍ଗଳବାର ଦୁଇଦିନ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସମନ୍ୱିତ ରୋଗ ପୋକ ପରିଚାଳନାର ନୂତନ ଦିଗନ୍ତ ସମ୍ପର୍କରେ ବିଭିନ୍ନ ୭୦ଜଣ କୃଷକ, କୃଷିମିତ୍ର, ଏପିଓ ସଦସ୍ୟ, ସମ୍ପ୍ରସାରଣ ବିଭାଗୀୟ ଅଧିକାରୀଙ୍କୁ ବିଶେଷଜ୍ଞ ବୈଜ୍ଞାନିକମାନେ ତାଲିମ ପ୍ରଦାନ କରିଥିଲେ।

ଗବେଷଣା କେନ୍ଦ୍ରର ସହଯୋଗୀ ନିର୍ଦ୍ଦେଶକ ଡ. ଉମାଶଙ୍କର ନାୟକ ପରିବେଶ ସୁରକ୍ଷା ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ବ୍ୟବସ୍ଥା ହିଁ ଏକମାତ୍ର ବିକଳ୍ପ ବୋଲି ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ରୀୟ ସମନ୍ୱିତ ରୋଗ ପୋକ ପରିଚାଳନା କେନ୍ଦ୍ରର ମୁଖ୍ୟ ଅଧିକାରୀ ଡ. ରାଜେନ୍ଦ୍ର ପ୍ରଧାନ କୀଟନାଶକର ପ୍ରକାରଭେଦ, ବ୍ୟବହାର ପ୍ରଣାଳୀ ଓ ପ୍ରୟୋଗ ସମୟରେ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। କୀଟ ନିୟନ୍ତ୍ରଣର ବିଭିନ୍ନ ଉପାଦାନ ଯଥା ଚାଷକୌଶଳ, ଯାନ୍ତ୍ରିକ ପ୍ରଣାଳୀ, ଜୈବିକ ପଦ୍ଧତି ଉପରେ ଆଲୋଚନା କରିଥିଲେ। କେନ୍ଦ୍ରର ବୈଷୟିକ ସହାୟକ ଧ୍ରୁବଚରଣ ରାୟ ଓ ଅରିନ୍ଦମ ବାନାର୍ଜୀ ପେରୋମନ ଯନ୍ତା, ଅଠାଳିଆ ଯନ୍ତା, ଆଲୋକ ଯନ୍ତାର ବ୍ୟବହାର ଓ କ୍ଷୁଦ୍ରସ୍ତରୀୟ ଡାଇକୋଡ଼ରମା ଭିରିଡ଼େ ଉତ୍ପାଦନ ଉପରେ ପ୍ରଦର୍ଶନ କରିଥିଲେ। କେନ୍ଦ୍ରର ଅନ୍ୟତମ ଅଧିକାରୀ ଡ. ଶୁଭାଷିଶ ସ୍ୱାଇଁ ରୋଗପୋକ ପରିଚାଳନରେ ପାରମ୍ପରିକ ଜ୍ଞାନକୌଶଳ ଉପରେ ବକ୍ତବ୍ୟ ରଖିଥିଲେ। ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଚିନ୍ମୟ କୁମାର ଦାଶ ସହନଶୀଳ କିସମ ଦ୍ୱାରା ରୋଗପୋକ ପରିଚାଳନା ଉପରେ ଆଲୋଚନା କରିଥିଲେ। ଡ. ଉତ୍କଳିକା ନାୟକ ପ୍ରାକୃତିକ କୃଷି ଉପରେ ଆଲୋଚନା କରିଥିଲେ। ଡ. ମୀରା ମହାନ୍ତି ପରିବର୍ତ୍ତିତ ଜଳବାୟୁ ଓ ରୋଗ ପୋକର କ୍ଷୟକ୍ଷତି ଉପରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଧର ଦାସ ଅଂଶଗ୍ରହଣକାରୀଙ୍କୁ ଏହି ଜ୍ଞାନକୌଶଳକୁ ଆପଣାଇବା ସହ ଅନ୍ୟମାନଙ୍କ ମଧ୍ୟରେ ପ୍ରସାର କରିବା ପାଇଁ ପରାମର୍ଶ ଦେଇଥିଲେ। ମତୋସ୍ଥିତ ଆଞ୍ଚଳିକ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ନାୟକ ଫସଲର ସମନ୍ୱିତ ଖାଦ୍ୟସାର ପରିଚାଳନା ଓ ରୋଗପୋକ ନିୟନ୍ତ୍ରଣ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି କହିଥିଲେ। କୃଷି ବିଜ୍ଞାନକେନ୍ଦ୍ର ଭଦ୍ରକର ମୁଖ୍ୟ ଡ. ସଞ୍ଜୟ ମହାନ୍ତି ନିୟମିତ ସର୍ବେକ୍ଷଣ ଦ୍ୱାରା ରୋଗପୋକ ଠିକ୍ ଭାବେ ନିୟନ୍ତ୍ରଣ ହେବା ସହ କୀଟନାଶକର ମାତ୍ରା ହ୍ରାସ ପାଇବ ବୋଲି ପରାମର୍ଶ ଦେଇଥିଲେ। ଓଡ଼ିଶା ଜୀବିକା ମିଶନର ମୁଖ୍ୟ ସଂଯୋଜକ ସଞ୍ଜୟ କୁମାର ବାରିକ ତାଲିମ କାର୍ଯ୍ୟକ୍ରମରୁ ଶିଖିଥିବା ଜ୍ଞାନକୌଶଳକୁ ଅନ୍ୟମାନଙ୍କୁ ଶିଖାଇବା ପାଇଁ କହିଥିଲେ।



ବୈଜ୍ଞାନିକ ଡ. ଉତ୍କଳିକା ନାୟକ ସୂଚନା ପ୍ରଦାନ କରୁଛନ୍ତି।

